ଧର୍ମାନ୍ଧତା ଓ ଅଜ୍ଞାନତା

# ଶ୍ରୀମନ୍ଦିରରେ ପଶୁ ବଳି କାହିଁକି ?

■ କ୍ରାନ୍ତିକୁମାର ସାକ୍‌ସେନା

ଭାରତ ବର୍ଷରେ ଯେତେ ବ୍ୟଭିଚାର, ଅନ୍ୟାୟ, ଶୋଷଣ ହୁଏ ସେଥି ମଧ୍ୟରୁ ଅଧିକାଂଶ ହୁଏ ଧର୍ମ ନାମରେ । କାରଣ ଏଥି ସହିତ ମାନସିକ ଭାବନା ଜଡ଼ିତ । ଯେଉଁ କଥାକୁ କେବେ ଦେଖି ନାହିଁ, ଶୁଣି ନାହିଁ ତାହାକୁ ଏକ ମନଗଢ଼ା ରୂପ ଦେଇ କିଛି ଲୋକ ଏମିତି ପ୍ରଚାର କରନ୍ତି ଯେଉଁଥିରେ ସାଧାରଣ ଲୋକ ସହଜରେ ଭଳିଯିବା ସମ୍ଭବ ହୋଇଥାଏ । ଏହି ପ୍ରଚାର କରୁଥିବା ଲୋକଙ୍କ ଭିତରେ ଥାଆନ୍ତି ସମାଜର ମଙ୍ଗ ଧରିଥିବା ବହୁ ସମ୍ମାନାସ୍ପଦ ବ୍ୟକ୍ତିବିଶେଷ । ତେଣୁ ସେମାନଙ୍କ କଥାଟା ସହଜରେ ଗ୍ରହଣୀୟ ହୋଇଯାଇଥାଏ । କାଳକ୍ରମେ ଏହି ଗ୍ରହଣୀୟତା ମୁଷ୍ଟିମେୟ ଲୋକଙ୍କର ବ୍ୟବସାୟ, ପ୍ରତିଷ୍ଠାର ଆଧାର ହୋଇପଡ଼େ । ଯେପରି ହୋଇଛି ଜଗନ୍ନାଥ ଓ ଶ୍ରୀମନ୍ଦିର ନାମରେ । ବର୍ତ୍ତମାନ ଧର୍ମ ସଂପର୍କରେ ଅଧିକରୁ ଅଧିକ ଖବର ଗଣମାଧ୍ୟମମାନଙ୍କରେ ପ୍ରକାଶିତ ହେବାରେ ଲାଗିଛି । ସେଥି ମଧ୍ୟରେ ପୁରୀର ଶ୍ରୀମନ୍ଦିର ବି ରହିଛି । ଫଳରେ ଶ୍ରୀଜଗନ୍ନାଥ ଜଣେ ସାର୍ବଜନୀନ ଦେବତା, ଏହି ବିଶ୍ୱାସର ମୂଳଦୁଆ ଦୋହଲି ଯାଇଛି । ଶ୍ରୀଜଗନ୍ନାଥଙ୍କୁ ନେଇ ଦେଶବିଦେଶରେ ନାନା ବିତର୍କ ସୃଷ୍ଟିହୋଇଛି । ସେଥି ମଧ୍ୟରୁ ପୁରୀ ମନ୍ଦିରକୁ ସମସ୍ତଙ୍କର ପ୍ରବେଶ ପ୍ରସଙ୍ଗ ଅନ୍ୟତମ । ତା' ପଛକୁ ରହିଛି ପୁରୀ ମନ୍ଦିର ଭିତରେ ପଶୁବଳି । ଦୀର୍ଘ ଦିନ ହେଲା ଏହି ବଳି ଦିଆହୋଇଆସୁଥିଲେ ମଧ୍ୟ କେହି ଏହି କଥା ଉପରେ ଆପତ୍ତି ଉଠାଇ ନ ଥିଲେ । ତା'ଛଡ଼ା ଏହି ବଳି ଦିଆଯିବା କାର୍ଯ୍ୟ ଖୁବ୍ ଗୁପ୍ତ ଭାବରେ କରାଯାଇଥାଏ । ସମସ୍ତେ ଶୋଇଗଲା ପରେ କିଛି ଲୋକ ସିଡ଼ି ପକାଇ ମନ୍ଦିରର ପାଚେରୀ ଭିତରକୁ ଛାଗଳ ବା ସେହି ଜାତୀୟ ପ୍ରାଣୀଙ୍କୁ ହାତ ଗୋଡ଼ ବାନ୍ଧିବା ଅବସ୍ଥାରେ ଅତି ନିଷ୍ଠୁର ଓ ଅସହାୟ ଭାବରେ ନେଇ ଥାଆନ୍ତି । ନିଜର ବେଦନା ବ୍ୟକ୍ତ କରିପାରୁ ନଥିବା ସେହି ଅସହାୟ ଜୀବଟିର ଆଖିରୁ ଝରୁଥିବା ଅଶ୍ରୁ କିନ୍ତୁ ବିଚଳିତ କରିପାରି ନଥାଏ ତାକୁ ଟେକି ନେଉଥିବା ଲୋକ(ଜଲ୍ଲାଦ)ମାନଙ୍କୁ । କାରଣ ବଳି ପରେ ସେମାନଙ୍କ ଭାଗରେ ପଡ଼ିବ ମାଗଣା ମୁଣ୍ଡା ମାଂସ ଖଣ୍ଡ ଯାହା ସେମାନଙ୍କର ପରିଶ୍ରମର ପ୍ରାପ୍ୟ । ନିଶାର୍ଦ୍ଧରେ ସଂପନ୍ନ ହେଉଥିବା ଏହି କାର୍ଯ୍ୟର ସାକ୍ଷୀ ରହନ୍ତି ମୁଷ୍ଟିମେୟ ଦଇତାପତି । କୁହାଯାଏ ପରମ୍ପରା କ୍ରମେ ଏପରି କରାଯାଇଥାଏ । ଏଠାରେ ପ୍ରଶ୍ନ ଉଠେ କ'ଣ ଏହି ପରମ୍ପରା ? ସାରା ବିଶ୍ୱରେ ଜୀବହତ୍ୟା ବିରୁଦ୍ଧରେ ଅଭିଯାନ ଚାଲୁରହିଥିଲା ବେଳେ ଆମ ଜଗନ୍ନାଥଙ୍କର ପରମ୍ପରା ଏପରି କେଉଁ ମହାର୍ଘ ନୀତିନିୟମ ଆଧାରିତ ଯେ ପଶୁ ବଳି କଥାଟା ସେଠାରେ ନିୟମ ପରିସରଭୁକ୍ତ ? ଆଶ୍ଚର୍ଯ୍ୟର କଥା ଏହି ବଳି ସଂପର୍କରେ ବହୁ ଜଗନ୍ନାଥ ପ୍ରେମୀ, ଭାଷ୍ୟକାର ତଥା ନୀତି ନିୟନ୍ତାମାନେ ଜାଣିଥିଲେ ବି କେଉଁ ରହସ୍ୟମୟ ଅଜଣା କାରଣରୁ ସେମାନେ ଏଯାବତ୍ ଚୁପ୍ ରହିଆସୁଛନ୍ତି । ଇତି ମଧ୍ୟରେ ସଚେତନତା ବୃଦ୍ଧି ପାଇବା ଫଳରେ ରାଜ୍ୟର ବହୁ ଦେବାଦେବୀ ମନ୍ଦିରରେ ପରମ୍ପରା ନାମରେ ଦୀର୍ଘ ଦିନ ହେଲା ଚାଲିଆସିଥିବା ଘୃଣ୍ୟ ଜୀବ ବଳି ପ୍ରଥାକୁ ବନ୍ଦ କରାଯାଇ ପାରିଛି । ତାହା ଦ୍ୱାରା କୌଣସି ଭାବରେ କିଛି କ୍ଷତି ହୋଇନାହିଁ । ବରଂ ମାନବିକତାର ଜୟ ହୋଇଛି । ନିକଟରେ ଗଞ୍ଜାମର ତାରାତାରିଣୀ ମନ୍ଦିରରେ ଏହି ପ୍ରଥା ସବୁଦିନ ପାଇଁ ବନ୍ଦ ହେବାର ଖବର ରାଜ୍ୟବାସୀ ଅବଗତ ହୋଇସାରିଛନ୍ତି ।

କଥାଟା ହେଲା ଏଇୟା ଯେ ମନ୍ଦିରମାନଙ୍କରେ ପୂଜା ଆରାଧନାର ମୁଖ୍ୟ ଦାୟିତ୍ୱ ନିର୍ବାହ କରୁଥିବା କିଛି ସେବକମାନଙ୍କୁ ନିଷ୍ପାପର ଭାବରେ ଦେବତା ବା ଦେବୀମାନଙ୍କର ପୂଜା ଇତ୍ୟାଦି ଅତି ପବିତ୍ର ଭାବରେ କରିବାକୁ ହୋଇଥାଏ । ଏମାନଙ୍କର ଜୀବନ ଧାରା ସାଂସାରିକ ଚଳଣି ଠାରୁ ବହୁ ପରିମାଣରେ ଭିନ୍ନ ହୋଇଥାଏ । କିନ୍ତୁ ପ୍ରକୃତିଗତ ହୋଇ ମଣିଷ ହୋଇଥିବାରୁ କାମ, କ୍ରୋଧ, ହିଂସା, ଲୋଭ ଠାରୁ ଏମାନେ ଯେତେ ଚେଷ୍ଟା କଲେ ମଧ୍ୟ ନିଜକୁ ସଂପୂର୍ଣ୍ଣ ଦୂରେଇ ରଖିପାରନ୍ତି ନାହିଁ । ସର୍ବସାଧାରଣରେ କର୍ତ୍ତବ୍ୟ ସଂପାଦନ କଲା ବେଳେ କାଳେ ସେମାନେ ବିବଶ ହୋଇ କେବେ ନିଜ ନିୟନ୍ତ୍ରଣ ବାହାରକୁ ଚାଲିଯିବେ ଓ କିଛି ଅଘଟଣ ଘଟାଇ ବସିବେ ସେଥିପାଇଁ ସେମାନଙ୍କ ପରିତୃପ୍ତି ନିମନ୍ତେ ବିବିଧ ବ୍ୟବସ୍ଥାମାନ ମନ୍ଦିରଗୁଡ଼ିକରେ ଖଞ୍ଜାଯାଇଥାଏ । ସେହି ଧାରାରେ ଧର୍ମ ନାମରେ ପଶୁ ହତ୍ୟା କରାଯାଇ ତାକୁ ଭୋଗ ଆକାରରେ ଉପସ୍ଥାପିତ କରି ଜିହ୍ୱା ଲାଳସା ତୃପ୍ତ କରାଯାଏ । ଏହି ହତ୍ୟା କାରବାରରେ ସଂପୃକ୍ତ ରହୁଥିବା ଲୋକଙ୍କୁ ହତ୍ୟା କରାଯାଇଥିବା ଜୀବର ମାଂସ ସହିତ ଅନ୍ୟାନ୍ୟ ବିବିଧ ପଦାର୍ଥ ଅର୍ପଣ କରାଯାଇ ତୁଷ୍ଟ କରାଯାଏ ଓ ସେମାନେ ସେଥିପାଇଁ ନିଜର ମୁହଁ ବନ୍ଦ ରଖନ୍ତି ।

ତେବେ ପବିତ୍ର ବୋଲି କୁହାଯାଉଥିବା ଶ୍ରୀମନ୍ଦିର ପରିସରରେ ହେଉଥିବା ଜୀବ ହତ୍ୟା ସଂପର୍କରେ ଏବେ ଖୋଲାଖୋଲି ଲୋକମାନେ ମୁହଁ ଖୋଲିବା ଆରମ୍ଭ କଲେଣି । ନିକଟରେ ପୁରୀରେ କ୍ଷୁଦ୍ରକ୍ଷୁଦ୍ର ହୋଟେଲ କରି ଜୀବିକା ନିର୍ବାହ କରୁଥିବା କିଛି ବ୍ୟବସାୟୀ ଏ ସଂପର୍କରେ ସମସ୍ତଙ୍କୁ ଏକ ପ୍ରକାର ଆହ୍ୱାନ ଜଣାଇ ଶ୍ରୀମନ୍ଦିର ପରିସରରେ ହେଉଥିବା ଜୀବହତ୍ୟା, ଧର୍ମ, ପବିତ୍ରତା ସଂପର୍କରେ ସ୍ପଷ୍ଟୀକରଣ ପ୍ରଦାନ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ସମେତ ବଡ଼ଠାକୁରଙ୍କ ସମସ୍ତ ସେବକମାନଙ୍କୁ ଏକ ଅଡୁଆ ପରିସ୍ଥିତିରେ ପକାଇ ଦେଇଛନ୍ତି । ଧର୍ମ ନାମରେ ଚାଲିଥିବା ଏହି କାରବାରକୁ ସେମାନେ ଭଣ୍ଡାମୀର ଚରମ ନିଦର୍ଶନ ବୋଲି ଅଭିହିତ କରିଛନ୍ତି । ମନ୍ଦିରର ସମସ୍ତ ପ୍ରବେଶ ପଥ ବନ୍ଦ ରହୁଥିବା ବେଳେ ଗୋଟିଏ ନୀରିହ ପଶୁକୁ ଏତେ ଉଚ୍ଚ ପାଚେରୀ ଡିଆଁଇ ନିଆଯିବା ପଛରେ ଜଗନ୍ନାଥଙ୍କର କେଉଁ ମହତ ସେବାର ଉଦ୍ଦେଶ୍ୟ ନିହିତ ରହିଛି ତାହା ସର୍ବସାଧାରଣରେ ପ୍ରକାଶ କରିବା ପାଇଁ ସେମାନେ ଦାବି କରିଛନ୍ତି । ରାତାରାତି ନିଆଯାଇଥିବା ପଶୁକୁ ମନ୍ଦିର ପରିସରରେ ଅବସ୍ଥିତ ମାଆ ବିମଳାଙ୍କ ବେଢ଼ାରେ ବଳି ପକାଇଲା

ପରେ ରକ୍ତର ଦାଗକୁ ଲିଭାଇବା ବା ସବୁ ପ୍ରମାଣକୁ ନିଶ୍ଚିହ୍ନ କରିବା ପାଇଁ ବେଶ୍ କେଇ ଘଣ୍ଟା କିଛି ଲୋକଙ୍କୁ ପରିଶ୍ରମ କରିବାକୁ ପଡ଼ିଥାଏ। ପୁନଶ୍ଚ ଯେଉଁ ଭାବରେ ଭିତରକୁ ଯାଇଥାଏ ଠିକ୍ ସେହି ଭାବରେ ସିଡ଼ିରେ ମୃତ ଦେହକୁ ବାହାରକୁ ଅଣାଯାଇଥାଏ।

କୌଣସି ଭୂତ ବା ଗୋଏନ୍ଦା କାହାଣୀ ପରି ଲାଗୁଥିବା ଏହି ଘଟଣା ଏକ ଅପ୍ରିୟ ସତ୍ୟ ଘଟଣା ଯାହାର ଆଢୁଆଳରେ ହୁଏତ ରହିଛି ମଣିଷର ଅଜ୍ଞାନତା ଓ ଧର୍ମାନ୍ଧତାର ଆଉ ଏକ ବିଭତ୍ସ କାହାଣୀ। ଲୋକଙ୍କ ସରଳ ବିଶ୍ୱାସର ଅନ୍ତରାଳରେ ଚାଲିଥିବା ଏହି ବ୍ୟାପାର ସଂପର୍କରେ ବହୁ ପ୍ରଶାସନିକ ତୁଙ୍ଗ ଅଧିକାରୀ ମଧ ମୁହଁ ଖୋଲିବାକୁ ନାରାଜ। ଆଉ ପଦପଦବୀର ସୁରକ୍ଷା ପାଇଁ ବିଭିନ୍ନ ବାବାମାତାଙ୍କ ପାଖକୁ ନିୟମିତ ଯାଉଥିବା ଓ ଖୋଦ୍ ନିଜେ ବଳିରେ ଅଂଶଗ୍ରହଣ କରୁଥିବା ଲୋକ ପ୍ରତିନିଧିଙ୍କ କଥା ତ ନ କହିବା ଭଲ। ଜଗନ୍ନାଥ ମନ୍ଦିରର ପବିତ୍ରତା ପଛରେ ରହିଥିବା ଏହି ଅପବିତ୍ରତାର କାହାଣୀ ସଂପର୍କରେ ଏକ ସାର୍ବଜନୀନ ତଦନ୍ତ କମିଟି ଗଠନ କରାଯିବା ସହ ସତ୍ୟ ଲୋକଲୋଚନକୁ ଆସିବା ଜରୁରୀ ମନେହୁଏ। ଦେଖାଯାଉ ଲୋକପ୍ରିୟ ବୋଲାଉଥିବା ସରକାର କେତେ ଦୂର ଏହି ଅପସଂସ୍କୃତିର ମୁକାବିଲା କରିପାରୁଛନ୍ତି। ଖାଲି ଅଶ୍ଳୀଳ ଆଲବମ୍ ବିକ୍ରୟ ଉପରେ ଚଢ଼ାଉ କରି ସଂସ୍କୃତି ସୁରକ୍ଷାର ବାହାବା ନେଉଥିବା ସଂସ୍କୃତି ବିଭାଗର ବୋଧହୁଏ ଯେ ଅଗ୍ନି ପରୀକ୍ଷାର ବେଳ। ଯେଉଁଠି ଜଗତର ନାଥ ଜଗନ୍ନାଥଙ୍କ ମନ୍ଦିରରେ ପଶୁ ବଳି ଚାଲିଛି, ସେଠାରେ ଗୋ ହତ୍ୟା ବନ୍ଦ, ରାସ୍ତା କଡ଼ରୁ ଛେଳି, କୁକୁଡ଼ା ମାଂସ ବିକ୍ରୟ ଦୋକାନ ଉଚ୍ଛେଦ କଥା କହିଲେ ତାହା କେହି ମାନିବେ କି? ଜଗନ୍ନାଥ ମନ୍ଦିରରେ ହେଉଥିବାର ଦ୍ୱାହି ଦେଇ ବାହାର ମନ୍ଦିରରେ ହେଉଥିବା ପଶୁ ବଳି ବହୁ ସ୍ଥାନରେ ବନ୍ଦ ହୋଇସାରିଥିଲା ବେଳେ ଜଗନ୍ନାଥ ମନ୍ଦିରରେ ଏହି କାର୍ଯ୍ୟ ଚାଲୁରହିବା କେତେ ସୁକାର୍ଯ୍ୟ ଓ ଏହା ଦ୍ୱାରା ଧର୍ମନାଶ ହୋଇ ପାପ ବୃଦ୍ଧି ପାଉନାହିଁକି ବୋଲି ଜନମାନସରେ ଉଠିଥିବା ପ୍ରଶ୍ନର ଯଥାଯଥ ଉତ୍ତର ମୁକ୍ତିମଣ୍ଡପ ସଭା ତୁରନ୍ତ ଦେଉ ବୋଲି ମଧ ବିଭିନ୍ନ ଗୋଷ୍ଠୀ ତରଫରୁ ଦାବି ହେଲାଣି। ସେଥିପାଇଁ କିଛି ସଂଗଠନ ଶ୍ରୀମନ୍ଦିର ଘେରାଉ ବା ସେଠାରେ ଅନଶନ, ଧାରଣା ଇତ୍ୟାଦି ଚାଲୁରଖିବା ପାଇଁ ପ୍ରସ୍ତୁତ ହେଉଥିବା କଥା କେତେକ ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଏହି ପଶୁ ବଳି ରାକ୍ଷସୋଚିତ କାର୍ଯ୍ୟ କିମ୍ବା ଧର୍ମରକ୍ଷା କାର୍ଯ୍ୟ ସେ ସଂପର୍କରେ ଠାକୁର ରଜା ପୁରୀ ଗଜପତି, ଆଇନ ମନ୍ତ୍ରୀ, କ୍ୟାବିନେଟ, ମୁଖ୍ୟମନ୍ତ୍ରୀ ଓ ଜଗନ୍ନାଥ ସଂସ୍କୃତି ଏକ ଭିନ୍ନ ସଂସ୍କୃତି ବୋଲି ପୃଷ୍ଠା ପରେ ପୃଷ୍ଠା ବହି ଲେଖି ଡିଗ୍ରୀ କିମ୍ବା ପୁରସ୍କାର ପାଉଥିବା ସାହିତ୍ୟିକ ଓ ଗବେଷକମାନେ ଏହି ବଳି ପ୍ରଥାର ଯୁକ୍ତିଯୁକ୍ତତା ଓ ନିହାତି ଆବଶ୍ୟକତା ସଂପର୍କରେ ତୁରନ୍ତ ସ୍ପଷ୍ଟୀକରଣ ଦେବା ଆବଶ୍ୟକ ବୋଲି ଦାବି ହେଲାଣି। ବେଳ ଥାଉଁ ଥାଉଁ ଏ ସଂପର୍କରେ ସମସ୍ତେ ଆଲୋଚନା କରି ଏକ ସୁନିଷ୍କର୍ଷରେ ପହଁଚିବା ଦେଶ ଓ ଦଶ ପାଇଁ ମଙ୍ଗଳ। ନଚେତ୍ ଜଗନ୍ନାଥ ଅଚାନକ ବହୁ ଭକ୍ତଙ୍କର ବିରୋଧୀ ହୋଇଯିବା କିଛି ଅସମ୍ଭବ ନୁହେଁ। ଏହି ବଳି ପ୍ରଥା ସଂପର୍କରେ ଯେ ଆଗରୁ ପ୍ରଶ୍ନ ଉତ୍ଥାପିତ ହୋଇନାହିଁ ତା ନୁହେଁ, କିନ୍ତୁ ଯେଉଁମାନେ ଏହା ଉଠାଇଛନ୍ତି ସେମାନଙ୍କୁ ଧର୍ମଦ୍ରୋହୀ ଓ ସଂସ୍କୃତି ବିରୋଧୀ ବୋଲି ଆଖ୍ୟା ଦେଇ ଓ ଆବଶ୍ୟକ ସ୍ଥଳେ ଧମକଚମକ ଦେଇ ମଧ ଚୁପ୍ କରାଇ ଦିଆଯାଇଆସୁଛି। କିନ୍ତୁ ଏବେକୁ ଯୁଗ ଓ ସମୟର ଢେର ପରିବର୍ତ୍ତନ ଘଟିଲାଣି। ତେଣୁ ସେହି ପୁରୁଣା ରଙ୍ଗଢଙ୍ଗ ଆଉ ଚଳିବ ନାହିଁ। ଯଦି ଲୋକଙ୍କର ସମୂହ ମତକୁ ଚାପି ଦିଆଯିବାର ପ୍ରୟାସ ପୂର୍ବ ପରି ଜାରି ରହେ ତେବେ ଖୁବ୍ କମ୍ ଦିନରେ ହୁଏତ ଜଗନ୍ନାଥ କିଛି ମୁଷ୍ଟିମେୟ ଧର୍ମାନ୍ଧମାନଙ୍କର ବ୍ୟକ୍ତିଗତ ଦେବତା ହୋଇ ରହିଯିବେ ଏଥିରେ ସନ୍ଦେହ ନାହିଁ।

(ମୋକ୍ତା - ୧-୧୫/୧୦/୦୬)

❖ ❖ ❖

## ପ୍ରାଣୀବିଚିତ୍ରା

# ଜବତ ଟ୍ରକ୍‌ରୁ ଛେଳି ଓ ମେଣ୍ଢାଙ୍କୁ ଜଙ୍ଗଲରେ ଛଡ଼ାଗଲା

ଗଣିଆ ଅନ୍ତର୍ଗତ ଦଶୀପୁର ଗୋରୁହାଟରୁ ବେଆଇନ ଭାବେ ଚାଲାଣ ହେଉଥିବା ବେଳେ ପୁଲିସ ଦ୍ୱାରା ଜବତ କରାଯାଇଥିବା ଏକ ଛେଳିମେଣ୍ଢା ବୋଝେଇ ଟ୍ରକ୍‌ର ପଶୁଙ୍କୁ ଦଶପଲ୍ଲା ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ନିର୍ଦ୍ଦେଶରେ ସୋମବାର ଜଙ୍ଗଲରେ ଛାଡ଼ି ଦିଆଯାଇଛି। ଏହି ଛେଳି, ମେଣ୍ଢାଙ୍କୁ ଅତି ଦୟନୀୟ ତଥା ନିଷ୍ଠୁର ଭାବେ ଗୋଡ଼ହାତ ବନ୍ଧାଯାଇ ଚାଲାଣ କରାଯିବା ପଶୁ ନିଷ୍ଠୁରତା ନିରୋଧ ଆଇନର ବିରୋଧାଚରଣ ବୋଲି ଦର୍ଶାଯାଇ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସୂଚନାଯୋଗ୍ୟ ଗତ ଶନିବାର ମଧ ରାସ୍ତାକଡ଼ରେ ବେଆଇନ ଭାବେ ମାଂସ କଟାଯାଉଥିବା ଅଭିଯୋଗ ଉପରେ ପୁଲିସ ୩ଟି ମାଂସ ଦୋକାନରେ ଚଢ଼ାଉ କରି ୭ଟି ମାମଲା ମାନ୍ୟବର ଦଶପଲ୍ଲା ଅଦାଲତଙ୍କ ନିକଟରେ ରୁଜୁ କରି ଜୋରିମାନା ଆଦାୟ କରିଛନ୍ତି।

(ସମାଜ - ୨୧.୧୧.୦୬)

